# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଦାନିଏଲ ଏକ ବନ୍ଦୀ




ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଅନୁବାଦକ: Prasanta Bhuyan
ଉପ୍ଯୋଜକ: Mary-Anne S.


କାହାଣି ୬୦ ରୁ ୩୧


www.M1914.org

**Bible for Children,** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ବତ୍ତ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଦାନିଏଲ ଏବଂ ତାଙ୍କର ତିନି ବନ୍ଧୁ ଇସ୍ରାଏଲ ପ୍ରଦେଶରେ ବାସ କରୁଥିଲେ । ଦିନକରେ, ମହାରାଜା ତାଙ୍କ ଦେଶକୁ ଆସି ଦେଶର ସମସ୍ତ ଚତୁର ଯୁବକମାନଙ୍କୁ ନିଜଦେଶକୁ ନେଇଗଲେ । ସେହି ରାଜାଙ୍କ ଲମ୍ବାନାମ ଥିଲା-ନବୁଖଦନିତ୍ସର-ସେ ସୁ ଦୂର ବାବିଲ୍ ଦେଶରେ ବାସ କରୁଥିଲେ ।



1

ବାବିଲ ଦେଶରେ ସେ ସେହି ଯୁବକମାନଙ୍କୁ ଅତି ଆଡ଼ମ୍ବରରେ ରାଜାର ଆହାର ଦେଇ ପ୍ରତିପୋଷଣ କଲେ । ରାଜା ପୃଥିବିର ସମସ୍ତ ଦେଶ ମାନଙ୍କରୁ ଉଜ୍ଜ୍ୱଳ ଓ ଅତି ଉତ୍ତମ ଲେକମାନଙ୍କୁ ବାଛିଲେ । ସେ ସେମାନଙ୍କୁ କଲ୍ଦୀୟ ଭାଷାରେ ଶିକ୍ଷା ଦେବାକୁ ଯୋଜନା କଲେ ଯେପରି ସେମାନେ ତାଙ୍କର ସେବକ ହୋଇ ଦେଶ ସେବାରେ ନିଯୁକ୍ତ ହୋଇ ପାରିବେ ।



2

ସେମାନଙ୍କର ଖାଦ୍ୟ ମଧ୍ୟ ଉତ୍ତମ ଥିଲା । ସେହି ଯୁବକମାନେ ରାଜାଙ୍କର ଆହାର ଭୋଜନ କଲେ । କିନ୍ତୁ ଦାନିଏଲ ଓ ତାଙ୍କର ବନ୍ଧୁମାନେ ସେହି ଖାଦ୍ୟ ପଦାର୍ଥ ଭୋଜନ କଲେ ନାହିଁ କାରଣ ତାହା ବାଲ୍ ଦେବଗଣଙ୍କ ସାକ୍ଷାତରେ ପୂଜା କରାଯାଇଥିଲା । ଦାନିଏଲ ଶପଥ କରିଥିଲେ ଯ ସେ କଦାପି ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କରିବେ ନାହିଁ । ଇସ୍ରାଏଲର ସଦାପ୍ରଭୁ ସେମାନଙ୍କୁ ପ୍ରତିମା ପୂଜା ନ କରିବାକୁ ସେମାନଙ୍କୁ ଆଜ୍ଞା କରିଥିଲେ ।



3

ଦାନିଏଲ ସେହି ରାଜାର ଖାଦ୍ୟ ସେମାନଙ୍କୁ ନ ଦେବା ନିମନ୍ତେ ନଫୁଂଶକାଧିପତିଙ୍କୁ ନିବେଦନ କଲା । ମାତ୍ର ଯଦି ରାଜା ତାହା ଜାଣନ୍ତି ତେବେ ସେ କ୍ରୋଧିତ ହେବେ । କିନ୍ତୁ ପରମେଶ୍ୱର ସେହି ନଫୁଂସକାଧିପତିର ଦୃଷ୍ଟିରେ ଦାନିୟେଲଙ୍କୁ ଅନୁଗ୍ରହ ଓ ଦୟାର ପାତ୍ର କଲେ ।



4

ସେ ଦାନିୟେଲଙ୍କୁ ଓ ତାହାର ସମସ୍ତ ବନ୍ଧୁମାନଙ୍କୁ ପରିକ୍ଷା କରିବାକୁ ଚ଼ାହିଁଲେ । ପୁଣି ସେ ଦସଦିନ ପର୍ଯ୍ୟନ୍ତ ସେମାନଙ୍କର ପରିକ୍ଷା କଲେ । ସେହି ଦସଦିନ ପଯ୍ୟନ୍ତ ସେମାନେ କେବଳ ପନିପରିବା ଭୋଜନ କରିବେ ଓ ଜଳ ପାନ କରିବେ । ଦସଦିନର ଶେଷରେ ରାଜକୀୟ ଆହାର ଭୋଜନକାରୀ ସକଳ ଯୁବାଙ୍କ ଅପେକ୍ଷା ସେମାନଙ୍କ ମୁଖ ସୁନ୍ଦର ଦେଖାଗଲା । ଓ ସେମାନେ ଅଧିକ ହୃଷ୍ଟପୃଷ୍ଟ ଦେଖାଗଲେ । ତେଣୁ ସେମାନେ କେବଳ ପନପରିବା ଓ ପାଣି ପିଇଲେ ।



5

ସେହି ଯୁବକମାନେ ସଦାପ୍ରଭୁଙ୍କୁ ସମାଦର କଲେ ତେଣୁ ସଦାପ୍ରଭୁ ମଧ୍ୟ ସେମାନଙ୍କୁ ଆଦର କଲେ । ସଦାପ୍ରଭୁ ସେମାନଙ୍କୁ ତାଙ୍କ ଶିକ୍ଷାରେ ଜ୍ଞାନ ଓ ନିପୁଣତା ଦେଲେ, ଏବଂ ଦାନିୟେଲ ଯାବତୀୟ ଦର୍ଶନ ଓ ସ୍ୱପ୍ନ ବିଷୟରେ ବୁଦ୍ଧିମାନ୍ ହେଲେ ।



6



ବାବିଲ ରେ ତିନିବର୍ଷ ଶିକ୍ଷା ଶେଷହେଲା ପରେ, ସେମସ୍ତ ଯୁବକ ମାନଙ୍କୁ ରାଜା ନବ୍ଖଦନିତ୍ସରର ଛାମୁକୁ ଆଣିଲା । ତହୁଁ ରାଜା ସେ ସମସ୍ତଙ୍କ ମଧ୍ୟରୁ ଦାନିୟେଲ ଓ ତାଙ୍କର ତିନି ବନ୍ଧୁଙ୍କୁ ବାଛିଲେ । ପୁଣି ବୁଦ୍ଧି ଓ ଜ୍ଞାନ ସମ୍ବନ୍ଧୀୟ ସମସ୍ତ ବିଷୟରେ ଦେଶର ସମସ୍ତଙ୍କ ଅପେକ୍ଷା ସେମାନଙ୍କର ବିଜ୍ଞତା ଦସଗୁଣ ଅଧିକ ଥିଲା ।

7

ଏକ ରାତ୍ରୀରେ, ରାଜା ସ୍ୱପ୍ନ ଦେଖିଲେ ଯାହା ତାହାର ନିଦ୍ରା ଭଙ୍ଗ କଲା । ସେ ନିଜ ଦେଶର ସମସ୍ତ ମନ୍ତ୍ରଜ୍ଞବେତ୍ତା, ଗଣକ, ମାୟାବି କଲଦୀୟମାନଙ୍କୁ ରାଜାଙ୍କ ଛାମୁକୁ ଆସିବାକୁ ଆଜ୍ଞା କଲେ । ରାଜା ସେମାନଙ୍କୁ କହିଲା, ମୁଁ ଏକ ସ୍ୱପ୍ନ ଦେଖିଛି, ଆଉ ସେହି ସ୍ୱପ୍ନ ବୁଝିବାକୁ ମୋହର ଆତ୍ମା ଉଦବିଗ୍ନ  ହେଉଅଛି ।



8

ତହିଁରେ ସେହି ପଣ୍ଡିତମାନେ କହିଲେ, ହେ ସାହରାଜା, ଚିରଜୀବୀ ହେଉନ୍ତୁ, ଆପଣଙ୍କ ଦାସ ମାନଙ୍କୁ ସ୍ୱପ୍ନଟି ଜଣାନ୍ତୁ, ଆମ୍ଭେମାନେ ତହିଁର ଅର୍ଥ ପ୍ରକାଶ କରିବୁ ।



9

ରାଜା ଉତ୍ତର ଦେଇ କହିଲା, ନୁହେଁ, ତୁମ୍ଭେମାନେ ମୋହର ସ୍ୱପ୍ନ ଓ ତହିଁର ଅର୍ଥ ମୋତେ କହିବ । ଯଦି ତୁମ୍ଭେମାନେ ମୋତେ ମୋ ସ୍ୱପ୍ନ ଓ ତହିଁର ଅର୍ଥ ନ ଜଣାଅ ତେବେ ତୁମ୍ଭେମାନେ ଖଣ୍ଡ ଖଣ୍ଡ ହୋଇ କାଟାଯିବ ଓ ତୁମ୍ଭମାନଙ୍କ ଗୃହ ଖତରାଶି କରିଯିବ ।



10

ମାତ୍ର ଯେବେ ତୁମ୍ଭମାନେ ସ୍ୱପ୍ନ ଓ ତହିଁର ଅର୍ଥ ପ୍ରକାଶ କର ତେବେ ତୁମ୍ଭେମାନେ ମୋ ଠାରୁ ଦାନ ପାରିତୋଷିକ ଓ ମହା ସମାଦର ପାଇବ । ନିଶ୍ଚିତରେ, କାହିମଧ୍ୟ ରାଜାଙ୍କୁ ତାହାର ତାଙ୍କର ସ୍ୱପ୍ନ ଓ ତାହାର ଅର୍ଥ କହି ପାରିଲେ ନାହିଁ ।



11

ସେମାନେ କହିଲେ ମହାରାଜାଙ୍କ ବଷୟ ଯେ ପ୍ରକାଶ କରି ପାରିବ, ପୃଥିବିରେ ଏକିପରି କୌଣସି ମନୁଷ୍ୟ ନାହିଁ । ଯେଉଁମାନଙ୍କର ନାବାସ ମାଂସ ଦେହର ନୁହେ ସେହି ଦେବଗଣ ବିନୁ ଆଉ କେହି ମହାରାଜାଙ୍କ ଛାମୁରେ ତାହା ପ୍ରକାଶ କରି ନ ପାରେ । ଏହି କାରଣରୁ ରାଜା କ୍ରୋଧ ଓ ପ୍ରଚ଼ଣ୍ଡ କୋପାନ୍ୱୀତ ବାବିଲର ସକଳ ବିଦ୍ୱାନ ଲୋକର ବଧ କରିବାକୁ ଆଜ୍ଞା ଦେଲା ।



12

ଯେତେବେଳେ ସୌନ୍ୟମାନେ ଦାନିୟେଲ ଓ ତାଙ୍କ ସଂଙ୍ଗିମାନଙ୍କୁ ବଧ କରିବାକୁ ଅନ୍ୱେଶଣ କଲେ । ଦାନିୟେଲ ରାଜ ସେନାପତି ଅରିୟୋକଙ୍କୁ ଉତ୍ତର କରି କହିଲେ, ରାଜଜ୍ଞା ଏଡ଼େ ବ୍ୟଗ୍ର କାହିଁକି, ତହିଁରେ ଅରିୟୋକ୍ ଦାନିୟେଲଙ୍କୁ ବୃତ୍ତାନ୍ତ ଜଣାଇଲା ।



13

ଏଥିରେ ଦାନିୟେଲ ରାଜାଙ୍କ ନିକଟକୁ ଯାଇ ଆପଣା ପାଇଁ ଗୋଟିଏ ସମୟ ନିରୁପଣ କରିବାକୁ ପ୍ରାର୍ଥନା କଲେ । ତାହାକଲେ ସେ ମହାରାଜାଙ୍କ ନିକଟରେ ସ୍ୱପ୍ନ ଓ ତାହାର ଅର୍ଥ ପ୍ରକାଶ କରିବେ ବୋଲି କହିଲେ ।



14

ଦାନିୟେଲ ଆପଣା ଗୃହକୁ ଗଲେ, ଆଉ ସେ ଓ ତାଙ୍କ ସଙ୍ଗିମାନେ ଶଦ୍ରକ, ମୈଶକ, ଅବେଦ୍-ନଗୋକୁ ସମସ୍ତ କଥା ଜଣାଇଲା । ଦାନିୟେଲ ସେହି ସ୍ୱପ୍ନ କିମ୍ବା ତାହାର ଅର୍ଥ ବିଷୟରେ ଅଜ୍ଞାତ ଥିଲେ, ମାତ୍ର ସେ ଏକଜଣଙ୍କୁ ଜାଣିଥିଲା ଯେ ସେହି ସ୍ୱପ୍ନ ବିଷୟ ଜାଣିଥିଲେ । ସେ ସଦାପ୍ରଭୁ ଅଟନ୍ତି । ଦାନିୟେଲ ଓ ତାହାର ସଂଙ୍ଗିମାନେ ପ୍ରାର୍ଥନା କଲେ ।



15

ସଦାପ୍ରଭୁ ସେହି ସ୍ୱପ୍ନ ଓ ତାହାର ଅର୍ଥ ଦାନିୟଲଙ୍କୁ ଦେଖାଇଲେ । ଦାନିୟେଲ ସେହି ସ୍ୱର୍ଗୀୟ ଇଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ କହିଲେ, ପରମେଶ୍ୱରଙ୍କ ନାମ ସଦାସର୍ବଦା ଧନ୍ୟ ହେଉ, କାରଣ ଜ୍ଞାନ ଓ ପରାକ୍ରମ ତାହାଙ୍କର, ଦାନିୟେଲ ଶିଘ୍ର ରାଜାଙ୍କ ଛାମୁକୁ ଗଲା ଓ ରାଜାଙ୍କୁ କହିଲା, ଏପରି ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି ସେ ଗୁପ୍ତ ବିଷୟ ସବୁ ପ୍ରକାଶ କରନ୍ତି । ସେ ରାଜାଙ୍କୁ ତାଙ୍କର ସ୍ୱପ୍ନ ଓ ତାହାର ଅର୍ଥ ପ୍ରକାଶ କଲେ ।



16

ଯେତେବେଳେ ରାଜା ନବୁଖଦନିସ୍ର ତାହାର ସ୍ୱପ୍ନ ଓ ତାହାର ଅର୍ଥ ବିଷୟରେ ଶୁଣିଲା ସେ ମୁହଁମାଡ଼ି ପଡ଼ି ଦାନିୟେଲଙ୍କୁ ପ୍ରଣାମ କରି କହିଲା, ତୁମ୍ଭର ପରମେଶ୍ୱର ଇଶ୍ୱରଗଣର ଇଶ୍ୱର ଓ ରାଜ ଗଣର ପ୍ରଭୁ ଓ ନିଗୁଢ଼ ବିଷୟମାନ ପ୍ରକାଶକ ଅଟନ୍ତି ।



17

ତେଣୁ କେବଳ ତୁମ୍ଭେ ଏହାର ଅର୍ଥ କରିବାକୁ ସମର୍ଥ ହେଲ । ତହୁଁ ରାଜା ଦାନିୟେଲଙ୍କୁ ମହାନ୍ କଲେ, ସେ ତାହକୁ ବହୁମୂଲ୍ୟ ଉପହାର ଦେଲେ, ଆଉ ସମୁଦାୟ ବାବିଲ୍ ପ୍ରଦେଶ ଉପରେ କର୍ତ୍ତୃତ୍ୱ ପଦ ଦେଇ ବାବିଲସ୍ଥ ଯାବତୀୟ ବିଦ୍ୱାନ୍ ଲୋକଙ୍କ ଉପରେ ତାଙ୍କୁ ପ୍ରଧାନ ଅଧିପତି କଲେ ।



18

ଦାନିଏଲ ଏକ ବନ୍ଦୀ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଦାନିୟେଲ ୧-୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।